

# ଲମ୍ବ କେତେ ଜାଣିବା

## ପାଠ-୧୩

ମିଲି ଓ ଝିଲି ଦୁଇ ସାଙ୍ଗ । ଉଭୟେ ଦ୍ୱିତୀୟ ଶ୍ରେଣୀରେ ପଢନ୍ତି । ଥରେ ସେ ଦୁଇ ଜଣ କଳାପଟାର ଲମ୍ବକୁ ନିଜ ହାତ ଚାଖଣ୍ଡରେ ମାପୁଥିଲେ । ମିଲି କହିଲା, "ଆମ କଳାପଟା ୭ ଚାଖଣ୍ଡ ଲମ୍ବା" । ଝିଲି କହିଲା, "ନାଁ, ନାଁ କଳାପଟାଟି ୬ ଚାଖଣ୍ଡ ଲମ୍ବା"



- ଏବେ ତୁମେ ଓ ତୁମର ସାଙ୍ଗ କଳାପଟାର ଲମ୍ବକୁ ମାପ ।

  ତୁମର ମାପ = ☐ ଚାଖଣ୍ଡ

  ସାଙ୍ଗର ମାପ = ☐ ଚାଖଣ୍ଡ

  ତୁମ ଦୁଇ ଜଣଙ୍କ ମାପ ସମାନ ହେଲା କି ? ________



- ତୁମ ଗଣିତ ଖାତାର ଉଭୟ ଧାରକୁ ଦିଆସିଲି କାଠିରେ ମାପ ଓ ଲେଖ ।

  ଖାତାର ଲମ୍ବ .................... ଟି ଦିଆସିଲି କାଠିର ଲମ୍ବ ସହ ସମାନ ।

  ଖାତାର ଓସାର .................... ଟି ଦିଆସିଲି କାଠିର ଲମ୍ବ ସହ ସମାନ ।



- ଟେବୁଲ୍‌ର ଉଭୟ ଧାରକୁ ଡଷ୍ଟର୍‌ରେ ମାପ ଓ ଲେଖ ।

  ଟେବୁଲ୍‌ର ଦୈର୍ଘ୍ୟ............. ଟି ଡଷ୍ଟର୍‌ର ଦୈର୍ଘ୍ୟ ସହ ସମାନ ।

  ଟେବୁଲ୍‌ର ଓସାର ............. ଟି ଡଷ୍ଟର୍‌ର ପ୍ରସ୍ଥ ସହ ସମାନ ।

**ଶିକ୍ଷକଙ୍କ ପାଇଁ ସୂଚନା :** ଦିଆସିଲି କାଠି, ରୁଲ୍‌ବାଡ଼ି, ହାତ, ଚାଖଣ୍ଡ, ପାଦରେ ବିଭିନ୍ନ ଦୂରତାକୁ ମାପିବା ପାଇଁ ସୁଯୋଗ ସୃଷ୍ଟି କରାଯିବ । ପିଲାମାନେ ଦଳରେ ଏହି କାମ କରିବେ । ଦଳରେ ପ୍ରତ୍ୟେକ ପିଲା ଗୋଟିଏ ନିର୍ଦ୍ଦିଷ୍ଟ ଦୈର୍ଘ୍ୟକୁ ହାତ, ଚାଖଣ୍ଡ, ପାଦରେ ମାପିବେ । ପ୍ରତ୍ୟେକଙ୍କର ଉତ୍ତର କାହିଁକି ଅଲଗା ହେଉଛି ଆଲୋଚନା କରି କହିବେ ।

## ଆସ, ଆମେ ଆମର ଉଚ୍ଚତା ମାପି ଜାଣିବା ।




- ଶ୍ରେଣୀ କାନ୍ଥର ଏକ ନିର୍ଦ୍ଦିଷ୍ଟ ଉଚ୍ଚତାରେ ଚିହ୍ନ ଦିଅ ।
- ଜଣ ଜଣକରି ପିଲା ତା ସାମ୍ନାରେ କାନ୍ଥକୁ ଲାଗି ଠିଆ ହୁଅ ।
- କେଉଁ ପିଲାମାନେ ଚିହ୍ନ ଦିଆଯାଇଥିବା ଉଚ୍ଚତାରୁ ଅଧିକ ଓ କେଉଁମାନେ କମ୍ ସେମାନଙ୍କ ନାମକୁ ତଳ ସାରଣୀରେ ଲେଖ ।

| ଚିହ୍ନ ଦିଆଯାଇଥିବା ମାପ ସଙ୍ଗେ ସମାନ | ତା'ଠାରୁ ଅଧିକ | ତା'ଠାରୁ କମ୍ |
|---|---|---|
| | | |
| | | |
| | | |
| | | |
| | | |
| | | |
| | | |
| | | |

### ତୁମ ପାଇଁ କାମ



- ତୁମ ଘରର ଲମ୍ବ ଓ ଚଉଡ଼ାକୁ ହାତରେ ଓ ଚାଖଣ୍ଡରେ ମାପ ।
- ତୁମ ଶ୍ରେଣୀ କୋଠରିର ଲମ୍ବ ଓ ଚଉଡ଼ାକୁ ହାତରେ ଓ ଚାଖଣ୍ଡରେ ମାପ ।
- ତୁମ ଘର ଓ ଶ୍ରେଣୀ କୋଠରି ମଧ୍ୟରୁ କାହାର ଲମ୍ବ ଅଧିକ ?
- ତୁମ ଘର ଓ ଶ୍ରେଣୀ କୋଠରି ମଧ୍ୟରୁ କାହାର ଚଉଡ଼ା ଅଧିକ ?




୧. ଦିଆସିଲି କାଠି ନେଇ ତଳେ ଦିଆଯାଇଥିବା ଲମ୍ବ ମାପ ନିର୍ଣ୍ଣୟ କର ।

| କ୍ରମିକ ନଂ | କାହାର ମାପ | ମାପ |
|---|---|---|
| ୧ | ଗଣିତ ବହିର ଲମ୍ବ | ........ ଟି ଦିଆସିଲି କାଠିର ଲମ୍ବ |
| ୨ | ଗଣିତ ବହିର ଓସାର | ........ ଟି ଦିଆସିଲି କାଠିର ଲମ୍ବ |
| ୩ | ଖାତାର ଲମ୍ବ | ........ ଟି ଦିଆସିଲି କାଠିର ଲମ୍ବ |
| ୪ | ଖାତାର ଓସାର | ........ ଟି ଦିଆସିଲି କାଠିର ଲମ୍ବ |
| ୫ | ପେନ୍‌ସିଲ୍‌ର ଲମ୍ବ | ........ ଟି ଦିଆସିଲି କାଠିର ଲମ୍ବ |
| ୬ | ଡ୍ରଇଁ ଖାତାର ଲମ୍ବ | ........ ଟି ଦିଆସିଲି କାଠିର ଲମ୍ବ |
| ୭ | ଡ୍ରଇଁ ଖାତାର ଓସାର | ........ ଟି ଦିଆସିଲି କାଠିର ଲମ୍ବ |

୨. ଚିତ୍ର ଦେଖି ଉତ୍ତର କୁହ ଓ ଲେଖ ।

(କ)




ପେନ୍‌ସିଲ୍‌ର ଲମ୍ବ = ☐ ଟି ଦିଆସିଲି କାଠିର ଲମ୍ବ

(ଖ)



କଲମର ଲମ୍ବ = ☐ ଟି କଣ୍ଟାର ଲମ୍ବ

(ଗ)



ଟେବୁଲ୍‌ର ଲମ୍ବ = ☐ ଟି ଡଷ୍ଟରର ଲମ୍ବ

୩. ଏକ ରୁଲ୍‌ବାଡ଼ିରେ ମାପ ଅନୁମାନ କରି ଲେଖ ଓ ପରେ ମାପି ଲେଖ ।

| କାହାର ମାପ | ଅନୁମାନ ମାପ | ପ୍ରକୃତ ମାପ |
|---|---|---|
| କଳାପଟାର ଲମ୍ବ | ........ଟି ରୁଲ୍‌ବାଡ଼ିର ଲମ୍ବ | ....... ଟି ରୁଲ୍‌ବାଡ଼ିର ଲମ୍ବ |
| କଳାପଟାର ଓସାର | ........ଟି ରୁଲ୍‌ବାଡ଼ିର ଲମ୍ବ | ....... ଟି ରୁଲ୍‌ବାଡ଼ିର ଲମ୍ବ |
| ଝରକାର ଲମ୍ବ | ........ଟି ରୁଲ୍‌ବାଡ଼ିର ଲମ୍ବ | ....... ଟି ରୁଲ୍‌ବାଡ଼ିର ଲମ୍ବ |
| ଝରକାର ଓସାର | ........ ଟି ରୁଲ୍‌ବାଡ଼ିର ଲମ୍ବ | ....... ଟି ରୁଲ୍‌ବାଡ଼ିର ଲମ୍ବ |

୪. ଏକ ହାତ ଲମ୍ବର ସିଧା ବାଡ଼ି ତିଆରି କରି ଲମ୍ବ ଅନୁମାନ କରି ଓ ପରେ ମାପି ଲେଖ ।

| କାହାକୁ ମାପିବା | ଅନୁମାନ ମାପ | ପ୍ରକୃତ ମାପ |
|---|---|---|
| ଦୁଆର ବନ୍ଧର ଲମ୍ବ | ........ଟି ବାଡ଼ିର ଲମ୍ବ | ........ଟି ବାଡ଼ିର ଲମ୍ବ |
| ଦୁଆର ବନ୍ଧର ଓସାର | ........ଟି ବାଡ଼ିର ଲମ୍ବ | ........ଟି ବାଡ଼ିର ଲମ୍ବ |
| ବାରଣ୍ଡାର ଲମ୍ବ | ........ଟି ବାଡ଼ିର ଲମ୍ବ | ........ଟି ବାଡ଼ିର ଲମ୍ବ |
| ବାରଣ୍ଡାର ଓସାର | ........ଟି ବାଡ଼ିର ଲମ୍ବ | ........ଟି ବାଡ଼ିର ଲମ୍ବ |
| ଶ୍ରେଣୀ କୋଠରିର ଲମ୍ବ | ........ଟି ବାଡ଼ିର ଲମ୍ବ | ........ଟି ବାଡ଼ିର ଲମ୍ବ |
| ଶ୍ରେଣୀ କୋଠରିର ଓସାର | ........ଟି ବାଡ଼ିର ଲମ୍ବ | ........ଟି ବାଡ଼ିର ଲମ୍ବ |

